بسم الله الرحمن الرحيم

**୨୦ ଅକ୍ଟୋବର ୨୦୧୭ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ**

ମୋ ପାଇଁ ଏହି ପୁରସ୍କାର ପ୍ରାପ୍ତ କରିବା ସମ୍ଭବ ନଥିଲା ଯଦି ମୁଁ ନିଜ ସରଦାର, ବନ୍ଧୁ, ଅବତାରମାନଙ୍କ ଗୌରବ ତଥା ଖୈରୁଲ୍ ୱରା ହଜରତ ମହମ୍ମଦ ସ.ଆଙ୍କ ମାର୍ଗର ଅନୁସରଣ କରିନଥାନ୍ତି । ଅନ୍ୟମାନଙ୍କୁ ଉପଦେଶ ଦେବା ପୂର୍ବରୁ ଆମ୍ଭକୁ ପ୍ରଥମେ ନିଜର ନିରୀକ୍ଷଣ କରିବା ଆବଶ୍ୟକ କି କ'ଣ ଆମ୍ଭେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବା ସହିତ ପବିତ୍ର କୋରାନକୁ ନିଜ ବାସ୍ତବିକ ଜୀବନରେ ସ୍ଥାନ ଦେଇଛେ । ଏହା ବୟତର ମଧ୍ୟ ଏକ ଅଂଶ ଅଟେ ଏବଂ ଏହା ମଧ୍ୟ ଅନୁଧ୍ୟାନ କରିବା କି ଆମ୍ଭେ ସତ୍ୟନିଷ୍ଠ ଓ ନ୍ୟାୟବନ୍ତ ହେବାର କିଭଳି ସ୍ତର ହାସଲ କରିଛେ । ଲୋକମାନଙ୍କ ପ୍ରତି ଆମ୍ଭେ କର୍ତବ୍ୟ ସମ୍ପାଦନ କରିବାର କିଭଳି ପ୍ରଚେଷ୍ଟା କରିଛେ ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ– ବିଗତ ଖୁତବାରେ ମୁଁ ହଜରତ ମସିହ ମଉଦ ଆ.ସଙ୍କ ଏକ ହୱାଲା (ତଥ୍ୟ) ଉପସ୍ଥାପନ କରିଥିଲି । ଯେଉଁଥିରେ ଆପଣ ମୁସଲମାନମାନଙ୍କ ସାମାନ୍ୟ ଅବସ୍ଥା ସମ୍ବନ୍ଧରେ କହିଥିଲେ କି ଯଦି ସେମାନଙ୍କର ଏପରି ଅବସ୍ଥା ହୋଇନଥାନ୍ତା ଏବଂ ସେମାନେ ପ୍ରକୃତ ଇସଲାମଠାରୁ ସମ୍ପୂର୍ଣ୍ଣ ରୂପେ ଦୂରେଇ ଯାଇନଥାନ୍ତେ ତେବେ ମୋର ଆଗମନର ଆବଶ୍ୟକତା ବା କ'ଣ ଥିଲା । ସେମାନଙ୍କ ବିଶ୍ୱାସର ସ୍ତର ଅତ୍ୟନ୍ତ ଦୁର୍ବଳ ହୋଇଯାଇଥିଲା ଏବଂ ସେମାନେ ଇସଲାମର ସଂଜ୍ଞା ଓ ଉଦ୍ଦେଶ୍ୟ ସହ ଅବଗତ ନଥିଲେ । ପୁଣି ସେମାନେ କହୁଥିଲେ ଆମେ ଇସଲାମର କେଉଁ ଆଦେଶର ଅବମାନନା କରୁଅଛୁ । ଆମେ **ଲାଇଲାହା ଇଲ୍‌ଲଲ୍ଲାଃ** ପାଠ କରୁଛୁ, ରୋଜା ରଖୁଛୁ ଏବଂ ଜକାତ ଦେଉଛୁ । କିନ୍ତୁ ମୁଁ କହୁଅଛି ଏମାନଙ୍କର ସମସ୍ତ ଅମଲ ଉତମ ଅମଲ ନୁହେଁ କାରଣ ଯଦି ତାହା ପବିତ୍ର ହୋଇଥାନ୍ତା ତେବେ ତାହାର ଉତମ ପରିଣତି କାହିଁକି ବା ପ୍ରକାଶ ପାଉ ନାହିଁ । ଉତମ ଅମଲ ସେତେବେଳେ ସମ୍ପାଦନ ହୋଇଥାଏ ଯେତେବେଳେ ତାହା ସମସ୍ତ ପ୍ରକାରର ବିଭ୍ରାଟ ଓ ଅପମିଶ୍ରଣରୁ ପବିତ୍ର ହୋଇଥାଏ କିନ୍ତୁ ସେଥିରେ ଏହା କେଉଁଠାରେ ଅଛି ।

ହଜୁର ଅନୱର ଅ.ବ କହିଲେ– ଆଜି ସବୁଠାରୁ ଅଧିକ ବିଭ୍ରାଟ ମୁସଲମାନ ଦେଶମାନଙ୍କରେ ଦେଖିବାକୁ ମିଳୁଅଛି । ଏପରିକି ସେମାନେ ପରସ୍ପରର ଶିର ଛେଦନ କରିବାରେ ଉନ୍ମାଦିତ । ଜଣେ **ଲାଇଲାହା ଇଲ୍‌ଲଲ୍ଲାଃ** ପାଠକାରୀ ଆଉ ଜଣେ **ଲାଇଲାହା ଇଲ୍‌ଲଲ୍ଲାଃ** ପାଠକାରୀର ହତ୍ୟା କରୁଅଛି, ତାହାର ଅଧିକାର ଆତ୍ମସାତ କରିବା ତଥା ଅନିଷ୍ଟ କରିବାକୁ ଚେଷ୍ଟା କରୁଅଛି । କ'ଣ ପବିତ୍ର କୋରାନରେ ଏହି ଶିକ୍ଷା ଦିଆଯାଇଛି, ଯାହାର ଏମାନେ ପାଳନ କରୁଛନ୍ତି, କ'ଣ ଏହା ହିଁ ହଜରତ ମହମ୍ମଦ ସ.ଆଙ୍କ ଅମଲ ଥିଲା ଯାହାର ଏମାନେ ଅନୁସରଣ କରୁଛନ୍ତି ? ହଜରତ ମହମ୍ମଦ ସ.ଆଙ୍କ ଚରିତ୍ର ସମ୍ବନ୍ଧରେ ହଜରତ ଆଏଶା ର.ଅଙ୍କ ଏହି କଥନ ସ୍ୱର୍ଣ୍ଣ ଅକ୍ଷରରେ ଲେଖିବା ଯୋଗ୍ୟ କି **କାନା ଖୁଲୁକୁହୁଲ୍ କୁର୍‌ଆନ୍** କି ଆପଣଙ୍କ ଚରିତ୍ର ଓ ଅମଳର ସନ୍ଧାନ ପାଇବାକୁ ହେଲେ ପବିତ୍ର କୋରାନର ଅଧ୍ୟୟନ କର ଏବଂ ଏହି ନମୁନା ଆପଣ ଏଥିପାଇଁ ନିରୂପଣ କରିଥିଲେ କି ଆପଣଙ୍କ ମାନ୍ୟକାରୀମାନେ ଏଥିମୁତାବକ ଅମଳ କରିବେ ନା କି କେବଳ ନାରା (ଶ୍ଲୋଗାନ୍) ଲାଗାଇବେ । ଅଲ୍ଲାଃତାଲା ମଧ୍ୟ ଏହା ହିଁ କହିଛନ୍ତି କି ମୋ ସହ ପ୍ରକୃତ ସମ୍ପର୍କ **ଲାଇଲାହା ଇଲ୍‌ଲଲ୍ଲାଃ** କହିବାରେ ସମ୍ପାଦନ ହୋଇନଥାଏ ବରଂ ମୋର ପ୍ରୀତିଭାଜନ ଲାଭ କରିବା ପାଇଁ ମୋର ପ୍ରିୟ ରସୁଲଙ୍କର ଅନୁସରଣ କର । ଯଦି ତାହାର ଚରିତ୍ରକୁ ଆପଣାଅ ତେବେ ତୁମେ ମୋର ପ୍ରିୟଜନ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବ ଏବଂ ତୁମେ ସେହି ସ୍ଥାନ ପ୍ରାପ୍ତ କରିବ ଯାହାକି ଅଲ୍ଲାଃଙ୍କ ନିକଟବର୍ତୀର ସ୍ଥାନ ଅଟେ । ନଚେତ୍ ତୁମର ଶ୍ଲୋଗାନ ନିରର୍ଥକ ସାବ୍ୟସ୍ତ ହେବ । ଅଲ୍ଲାଃତାଲା କୁହନ୍ତି **କୁଲ୍‌ଇନ୍ କୁନ୍‌ତୁମ୍ ତୁହିବ୍ ବୁନଲ୍ଲାହା ଫତ୍ ତବିଉନି ୟୁହ୍‌ବିବ୍ କୁମୁଲ୍ଲାହୁ ୱ ୟଗଫିର୍ ଲକୁମ୍ ଜୁନୁବକୁମ୍ ୱଲ୍ଲାହୁ ଗଫୁରୁର୍ ରହିମ୍** ଅର୍ଥାତ ତୁମ୍ଭେ କୁହ ! ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭର ଅନୁସରଣ କର ତାହାହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ ଏବଂ ତୁମମାନଙ୍କର ଦୋଷ କ୍ଷମା କରିବେ ଏବଂ ଅଲ୍ଲାଃ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ । କ'ଣ ଅଲ୍ଲାଃ ଯାହାଙ୍କୁ ପ୍ରେମ କରନ୍ତି ତାହାର ପରିଣତି ଏପରି ହୋଇପାରେ ଯେମିତିକି ଆଜିକାଲିର ମୁସଲମାନଙ୍କର ହେଉଛି । ମୌଲବିଗଣ ଯାହାଙ୍କୁ ସାଧାରଣ ମୁସଲମାନମାନେ ସାଧାରଣତଃ ଅଲ୍ଲାଃଙ୍କ ପ୍ରିୟ ଓ ନିକଟବର୍ତୀ ମନେକରିଥାନ୍ତି ସେହିମାନେ ହିଁ ସଂସାରରେ ସବୁଠାରୁ ଅଧିକ ବିଭ୍ରାଟ ସୃଷ୍ଟି କରୁଛନ୍ତି । ଅତଏବ ବର୍ତମାନ ମୁସଲମାନମାନଙ୍କ ଅବସ୍ଥା ଏହା ଦରକାର କରୁଅଛି କି ସେମାନଙ୍କୁ ପବିତ୍ର କୋରାନ ଓ ସୁନ୍ନତର ଶିକ୍ଷା ପ୍ରଦାନ କରିବା ନିମନ୍ତେ ଅଲ୍ଲାଃତାଲା ନିଜ ପ୍ରତିଶୃତି ମୁତାବକ ଜଣକୁ ପ୍ରେରଣ

କରିଦେଇଛନ୍ତି । କିନ୍ତୁ ମୌଲବିଗଣ ନା ନିଜେ ତାହାର ବାର୍ତା ଶୁଣିବାକୁ ଚାହୁଁଛନ୍ତି ନା ଜନସାଧାରଣଙ୍କୁ ଶୁଣିବାକୁ ଦେଉଛନ୍ତି । ବରଂ ଅଲ୍ଲାଃଙ୍କ ପ୍ରେରିତ ଦୂତଙ୍କ ବିରୋଧରେ କୁଫର୍‌ର ଫତଓ୍ୱା ଦେଇ ଏକ ଭୟାବହ ଓ ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି କରିଦେଇଛନ୍ତି । ହଜରତ ମସିହ ମଉଦ ଆ.ସଙ୍କ ଉପରେ ଏହି ଆପତି ପ୍ରତ୍ୟେକ ଦିନ ଲାଗୁଅଛି କି **ନଉଜୁବିଲ୍ଲାଃ** ଆପଣ କାମନା ପୂରଣ ଓ ନିଜ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ଗୋଟିଏ ଜମାଅତ ଗଠନ କଲେ । ସେ ଯାହା ହେଉ ଆମେ ଜାଣିଛୁ ଯେ, ଆପଣ ହଜରତ ମହମ୍ମଦ ସ.ଆଙ୍କୁ କିଭଳି ଭଲପାଉଥିଲେ ଏବଂ ତାଙ୍କରି ଶରିୟତକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ହିଁ ଆଲ୍ଲାଃତାଲା ଆପଣଙ୍କୁ ପ୍ରେରଣ କରିଛନ୍ତି । ଆପଣଙ୍କ ମାଧ୍ୟମରେ ଆମେ ପବିତ୍ର କୋରାନର ଜ୍ଞାନ, ରହସ୍ୟ ଓ ତାହାର ରସାମ୍ ଲାଭ କଲୁ । ଆପଣ ପ୍ରତ୍ୟେକ ପରିସ୍ଥିତିରେ ପବିତ୍ର କୋରାନର ଶିକ୍ଷାର ପ୍ରକାଶରେ ଆମ୍ଭର ମାର୍ଗ ଦର୍ଶନ କଲେ । ଅତଏବ କୋରାନର ପଙ୍କ୍ତି **କୁଲ୍‌ଇନ୍ କୁନ୍‌ତୁମ୍ ତୁହିବ୍ ବୁନଲ୍ଲାହା ଫତ୍ ତବିଉନି ୟୁହ୍‌ବିବ୍ କୁମୁଲ୍ଲାଃ** ବିଭିନ୍ନ ସ୍ଥାନ, ବିଭିନ୍ନ ଉପାୟରେ ଏବଂ ବିଭିନ୍ନ ଅର୍ଥର ସହିତ ଉପସ୍ଥାପନ କଲେ । ଏହା ସେହି ତଥ୍ୟ ଯାହାକି ଆମ୍ଭକୁ ଅଲ୍ଲାଃଙ୍କ ନିକଟବର୍ତୀ କରି ତାଙ୍କର ପ୍ରିୟଜନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିବା ସହିତ ବିଭ୍ରାଟ ଓ ବିଶୃଙ୍ଖଳାର ମାର୍ଗରୁ ରକ୍ଷାକାରୀ ସାବ୍ୟସ୍ତ ହୋଇଥାଏ । ମୁସଲମାନମାନଙ୍କ ସୁରକ୍ଷିତ ରହିବା ତଥା ନିଜ ଦେଶରେ ଶାନ୍ତି ରକ୍ଷା କରିବା ତଥା ଇସଲାମର ଶ୍ରେଷ୍ଠତା ସଂସାରରେ ପରିପ୍ରକାଶ କରିବା ନିମନ୍ତେ ଏତତ୍ ବ୍ୟତୀତ ଅନ୍ୟ କୌଣସି ମାର୍ଗ ନାହିଁ । ମନେରଖ ଉତମ ପରିଣତି ସେତେବେଳେ ପ୍ରକାଶ ପାଇବ ଯେତେବେଳେ ଆମେ ହଜରତ ମହମ୍ମଦ ସ.ଆଙ୍କ ନିଷ୍ପାପର ଅନୁସରଣକାରୀ ହେବା ନଚେତ୍ ଆମର **ଲାଇଲାହା ଇଲ୍‌ଲଲ୍ଲାଃ** ଏବଂ **ମହମ୍ମଦ ରସୁଲୁଲ୍ଲାଃ**ର ଶ୍ଲୋଗାନ ଦେବା ନିରର୍ଥକ ସାବ୍ୟସ୍ତ ହେବ ।

ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ମୁଁ ଉପରୋକ୍ତ ପଙ୍କ୍ତିର ବ୍ୟାଖ୍ୟାରେ ହଜରତ ମସିହ ମଉଦ ଆ.ସଙ୍କ କିଛି ତଥ୍ୟ ଉପାସ୍ଥାପନ କରୁଅଛି । ହଜରତ ମସିହ ମଉଦ ଆ.ସ କୁହନ୍ତି ମୁସଲମାନମାନଙ୍କ ଆଭ୍ୟନ୍ତରିଣ ବିଭ୍ରାଟର ମୂଳ କାରଣ ସେମାନଙ୍କର ସାଂସାରିକ ପ୍ରେମ ଅଟେ । ଯଦି ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବାକୁ ପ୍ରାଥମିକତା ଦିଆଯାଇଥାନ୍ତା ତେବେ ସହଜରେ ବୁଝାପଡ଼ିଯାଇଥାନ୍ତା କି ଅମକ ଫିରକା (ଦଳ)ର ନିୟମ ଅଧିକ ସ୍ୱଚ୍ଛ ଅଟେ ଏବଂ ଅନ୍ୟମାନେ ତାହାକୁ ସ୍ୱୀକାର କରି ଏକ ହୋଇଯାଇଥାନ୍ତେ । ବର୍ତମାନ ଯେହେତୁ ସଂସାର ପ୍ରେମ କରିବା ହେତୁ ଏସବୁ ନିନ୍ଦନୀୟ କାର୍ଯ୍ୟ ଦେଖିବାକୁ ମିଳୁଅଛି ତେବେ ଏପରି ଲୋକଙ୍କୁ କିପରି ମୁସଲାମାନ କୁହାଯାଇପାରିବ । ଯେତେବେଳେ କି ଏମାନଙ୍କ ଆଚରଣ ହଜରତ ମହମ୍ମଦ ସ.ଆଙ୍କ ଆଚରଣ ପରି ଆଦୌ ନୁହେଁ । ଅଲ୍ଲାଃ କୁହନ୍ତି- **କୁଲ୍‌ଇନ୍ କୁନ୍‌ତୁମ୍ ତୁହିବ୍ ବୁନଲ୍ଲାହା ଫତ୍ ତବିଉନି ୟୁହ୍‌ବିବ୍ କୁମୁଲ୍ଲାଃ** ଅର୍ଥାତ ତୁମ୍ଭେ କୁହ ! ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭର ଅନୁସରଣ କର ତାହାହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ । ହଜୁର ଆ.ସ କୁହନ୍ତି ବର୍ତମାନ **ହୁବ୍‌ବୁଲ୍ଲାଃ** (ଅଲ୍ଲାଃଙ୍କୁ ଭଲପାଇବା) ଏବଂ ହଜରତ ମହମ୍ମଦ ସ.ଆଙ୍କ ଅନୁସରଣ କରିବା ପରିବର୍ତେ **ହୁବ୍‌ବୁଲ୍ ଦୁନ୍‌ୟା**କୁ ପ୍ରାଥମିକତା ଦିଆଯାଉଛି । କ'ଣ ଏପରି ହଜରତ ମହମ୍ମଦ ସ.ଆଙ୍କ ଅଣୁସରଣ କରାଯାଇପାରେ, କ'ଣ ହଜରତ ମହମ୍ମଦ ସ.ଆ ସଂସାର ପ୍ରେମି ଥିଲେ । କ'ଣ **ନଉଜୁବିଲ୍ଲାଃ** ସେ ସୁଧ ନେଉଥିଲେ ଏବଂ ନିଜ କର୍ତବ୍ୟ ଓ ଅଲ୍ଲାଃଙ୍କ ଆଦେଶ ପାଳନ କରିବାରେ ଅବହେଳା କରୁଥିଲେ । କ'ଣ ଆପଣ ସ୍ୱଭାବରେ ମନ୍ଦ, (ଅତ୍ୟାଚାରୀର) ପ୍ରଶଂସା କରିବା, ଧର୍ମ ଉପରେ ସଂସାରକୁ ପ୍ରାଥମିକତା ଦେବା ଆଦି ଗୁଣ ଥିଲା । ଚିନ୍ତା କର ! ଅନୁସରଣ କରିବା ଏହାକୁ କୁହାଯାଏ କି ହଜରତ ମହମ୍ମଦ ସ.ଆଙ୍କ କହିବା ମୁତାବକ ଅମଳ କରିବା ତାପରେ ଦେଖ ଅଲ୍ଲାଃତାଲା କିଭଳି କୃପା ବର୍ଷଣ କରୁଛନ୍ତି ।

ହଜୁର ଅନଓ୍ୱର ଅ.ବ କହିଲେ- ଆଜିକାଲି ମୁସଲମାନଙ୍କ ଅବସ୍ଥା ଯାହା ତାହାର ପ୍ରତିବଦଳରେ ଅଲ୍ଲାଃ  ଯେଉଭଳି ଆଚରଣ ପ୍ରଦର୍ଶନ କରୁଛନ୍ତି ତାହା ପ୍ରମାଣିତ କରୁଅଛି ଯେ, ସେମାନଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନିୟ ଅଟେ । ଦେଶ ଦେଶ ମଧ୍ୟରେ ଲଢେଇ ଚାଲିଛି, ଅଣମୁସଲମାନମାନଙ୍କ ନିକଟକୁ ଯାଇ ମୁସଲମାନମାନେ ଅନ୍ୟମୁସଲମାନମାନଙ୍କ ବିରୋଧରେ ଲଢିବାର ଭିକ ମାଗୁଛନ୍ତି । ଏହାର ନକ୍ସା ମଧ୍ୟ ହଜରତ ମସିହ ମଉଦ ଆ.ସ ଟାଣିଛନ୍ତି କି ତୁମମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇସାରିଛି, ଏପରି ଅବସ୍ଥାରେ ତୁମେ ଅଲ୍ଲାଃଙ୍କ କୃପା କିଭଳି ହାସଲ କରିପାରିବ ।

ମଣିଷ ପ୍ରକୃତ ପୁଣ୍ୟ କିଭଳି ଅର୍ଜନ କରିପାରିବ ଏଥିସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସ କୁହନ୍ତି- ମୁଁ ସତ୍ୟ ଓ ନିଜ ଅଭିଜ୍ଞତାରୁ କହୁଅଛି କି କୌଣସି ମାନବ ପ୍ରକୃତ ପୁଣ୍ୟ ଓ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିପାରିବ ନାହିଁ ଏବଂ ତାଙ୍କ ପୁରସ୍କାର, ବିଭୂତି, ସତ୍ୟାସତ୍ୟ ତଥା ତାଙ୍କୁ ଦେଖିବାର ସୌଭାଗ୍ୟ ଲାଭ କରିପାରିବ ନାହିଁ ଯେପର୍ଯ୍ୟନ୍ତ ସେ (ନିଜ ଭିତରେ) ସର୍ବୋଚ୍ଚ ସ୍ତରର ପବିତ୍ରତା ଉତ୍ପନ୍ନ କରି ନାହିଁ ଏବଂ ଯେପର୍ଯ୍ୟନ୍ତ ହଜରତ ମହମ୍ମଦ ସ.ଆଙ୍କ ଅନୁସରଣ କରିବାରେ ହଜିଯାଇ ନାହିଁ । ଏହାର ପ୍ରମାଣ ଅଲ୍ଲାଃଙ୍କ କଥନରେ ମିଳୁଅଛି କି **କୁଲ୍‌ଇନ୍ କୁନ୍‌ତୁମ୍ ତୁହିବ୍ ବୁନଲ୍ଲାହା ଫତ୍ ତବିଉନି ୟୁହ୍‌ବିବ୍ କୁମୁଲ୍ଲାଃ** ଅଲ୍ଲାଃଙ୍କର ଏହି

ଘୋଷଣାର ବାସ୍ତବିକ ଓ ଜୀବନ୍ତ ପ୍ରମାଣ ହଜୁର ଆ.ସ କୁହନ୍ତି କି ମୁଁ ହୋଇସାରିଛି । ଏହି ଯୁଗରେ ଅଲ୍ଲାଃତାଲା ମୋ ସହ କଥା ହେଉଛନ୍ତି ଏଥିପାଇଁ କି ମୁଁ ହଜରତ ମହମ୍ମଦ ସ.ଆଙ୍କ ଅସ୍ତିତ୍ୱରେ ହଜିଯାଇଛି ଏବଂ ଆପଣଙ୍କ ଅନୁଗାମୀ ଅଟେ । ଯାହାର ଫଳସ୍ୱରୂପ ଅଲ୍ଲାଃ ମୋ ସହ (ପ୍ରେମ) ଆଚରଣ କଲେ । ସୁତରାଂ ଆପଣଙ୍କ ଉପରେ ଅଭିଯୋଗ ଆଣୁଥିବା ଲୋକେ ହଜରତ ମହମ୍ମଦ ସ.ଆଙ୍କ ମର୍ଯ୍ୟାଦା ହାନୀ ଘଟାଉଛନ୍ତି । ଆପଣ କୁହନ୍ତି ମୋତେ ଯେଉଁ ଆସନ ମିଳିଛି ତାହା (କେବଳ) ହଜରତ ମହମ୍ମଦ ସ.ଆଙ୍କୁ ପ୍ରେମ ଓ ଭଲପାଇବା ତଥା ଆପଣଙ୍କ ପୂର୍ଣ୍ଣ ଆନୁଗତ୍ୟ ସ୍ୱୀକାର କରିବା ଯୋଗୁଁ ଲାଭ ହୋଇଛି । ପୁଣି ଅଲ୍ଲାଃଙ୍କ ସେହି ପ୍ରିୟ ନବୀଶିରୋମଣିଙ୍କୁ ଭଲପାଇବା ଯୋଗୁଁ ସେ ମୋତେ ନିଜ ପ୍ରିୟଜନଙ୍କ ମଧ୍ୟରେ ସ୍ଥାନ ଦେଇଛନ୍ତି । ଏହି ପୂର୍ଣ୍ଣ ଅନୁସରଣ କରିବା ଯୋଗୁଁ ଅଲ୍ଲାଃତାଲା ଆପଣଙ୍କୁ ଯେଉଁ ଦାୟିତ୍ୱ ଭାର ପ୍ରଦାନ କରିଥିଲେ ସେଥିସମ୍ବନ୍ଧରେ ଆପଣ କୁହନ୍ତି– ମୋତେ ଏଥିପାଇଁ ପ୍ରେରିତ କରାଯାଇଛି କି ମୁଁ ହଜରତ ମହମ୍ମଦ ସ.ଆଙ୍କ ହଜିଯାଇଥିବା ସମ୍ମାନକୁ ପୁନଃ ପ୍ରତିଷ୍ଠା କରିବି ଏବଂ ପବିତ୍ର କୋରାନର ସତ୍ୟାସତ୍ୟ ସହ ସଂସାରବାସୀଙ୍କୁ ଅବଗତ କରାଇବି । ଏସମସ୍ତ କାର୍ଯ୍ୟ ହେଉଅଛି କିନ୍ତୁ ଯେଉଁମାନଙ୍କ ଚକ୍ଷୁରେ ପରଦା ପଡ଼ିଛି ସେମାନେ ତାହା ଦେଖିପାରିବେ ବା କେମିତି ।

ହଜରତ ମସିହ ମଉଦ ଆ.ସ କୁହନ୍ତି ସୌଭାଗ୍ୟ ପ୍ରାପ୍ତି ନିମନ୍ତେ ଅଲ୍ଲାଃତାଲା ଗୋଟିଏ ମାର୍ଗ ରଖିଛନ୍ତି କି ହଜରତ ମହମ୍ମଦ ସ.ଆଙ୍କ ଅନୁସରଣ କର ଯେପରିକି ନିମ୍ନ ପଙ୍କ୍ତିରେ ସ୍ପଷ୍ଟ ଭାବରେ ଦର୍ଶାଯାଇଛି **କୁଲ୍ଇନ୍ କୁନ୍ତୁମ୍ ତୁହିବ୍ ବୁନଲ୍ଲାହା ଫତ୍ ତବିଉନି ୟୁହ୍‌ବିବ୍ କୁମୁଲ୍ଲାଃ** ଅର୍ଥାତ ମୋର ଅନୁସରଣ କର ଯଦ୍ୱାରା ଅଲ୍ଲାଃ ତୁମକୁ ନିଜ ପ୍ରିୟଜନଙ୍କ ମଧ୍ୟରେ ସ୍ଥାନ ଦେବେ । ଏହାର ଅର୍ଥ ନୁହେଁ କି ପରମ୍ପରାଗତ ଭାବରେ ଉପାସନା କର । ଯଦି ପ୍ରକୃତ ଧର୍ମ ଏହା ଅଟେ ତେବେ ନମାଜ, ରୋଜା ଆଦି କ'ଣ ଅଟେ ? କ'ଣ ଇଚ୍ଛା ହେଲେ ସମ୍ପାଦନ କରିବା ଏବଂ ଇଚ୍ଛା ନହେଲେ କରିବା ନାହିଁ । ନମାଜ ଏଭଳି ପାଠ କର ଯେପରି ତାହା ସମ୍ପାଦନ କରିବା ଉଚିତ୍ । ତାହାର ଧାର୍ଯ୍ୟ ସମୟରେ ପାଠ କରିବା ଅନିର୍ବାର୍ଯ୍ୟ ଏବଂ ଏପରି ପାଠ କର ଯେମିତିକି ତୁମ ସମ୍ମୁଖରେ ଅଲ୍ଲାଃ ଦଣ୍ଡାୟମାନ ହୋଇଛନ୍ତି ନଚେତ୍ ତାହା ରୀତି (ପ୍ରଥା)ର ପାଳନ କରିବା ଅଟେ । ଆପଣ କୁହନ୍ତି ଇସଲାମ କେବଳ ମାତ୍ର ଏକ ନାମ ନୁହେଁ, ଇସଲାମର ଅର୍ଥ ଛେଳି ପରି (ବଳି) ନିମନ୍ତେ ନିଜ ଶିର ରଖିଦେବା ଯେପରି ହଜରତ ମହମ୍ମଦ ସ.ଆ କହିଛନ୍ତି ମୋର ମରିବା ଜୀବିତ ରହିବା, ମୋର ନମାଜ, ମୋର ବଳିଦାନ ଅଲ୍ଲାଃତାଲାଙ୍କ ପାଇଁ ଅଟେ ଏବଂ ସର୍ବ ପ୍ରଥମେ ମୁଁ ଏଥିନିମନ୍ତେ ନିଜ ଶିର ରଖୁଅଛି । ସୁତରାଂ ପ୍ରକୃତ ଅନୁସରଣକାରୀ ନିଜ ଉପାସନାର ସ୍ତର ବୃଦ୍ଧି କରିଥାନ୍ତି । ଅତଏବ ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଏହି ଦୃଷ୍ଟିକୋଣରୁ ନିଜର ନିରୀକ୍ଷଣ କରିବା ଆବଶ୍ୟକ ନଚେତ୍ (ହଜୁର ସ.ଆଙ୍କ) ଅନୁଗାମୀ ହେବାର ଆମ୍ଭର ଘୋଷଣା ଭିତିହୀନ ହେବ ।

ହଜୁର ଅନଓ୍ୱର ଅ.ବ କହିଲେ– ଉପାସନାର ଗୋଟିଏ ରଙ୍ଗ ରହିଛି ଆଉ ଗୋଟିଏ ଉତମ ଚରିତ୍ରର ରଙ୍ଗ ଅଟେ । ନିଷ୍ପାପର ଅନୁସରଣର ଅର୍ଥ ଉତମ ଚରିତ୍ର ଅଟେ, ଯାହାର ଚର୍ଚ୍ଚା ପବିତ୍ର କୋରାନରେ ମଧ୍ୟ ରହିଛି ତାହା (ନିଜ ଭିତରେ) ଉତ୍ପନ୍ନ କରିବା ଉଚିତ୍ । ହଜରତ ଆଏଶା ର.ଅ ଦର୍ଶାଇଛନ୍ତି **କାନା ଖୁଲୁକୁହୁଲ୍ କୁରଆନ୍** ଅର୍ଥାତ ହଜୁର ସ.ଆଙ୍କ ଉତମ ଚରିତ୍ର ଦେଖିବାର ଅଛି ତ ପବିତ୍ର କୋରାନର ଅଧ୍ୟୟନ କର ତାହା ହିଁ ତାର ବ୍ୟାଖ୍ୟା ଅଟେ । ଅତଏବ ଏହି ଦିଗରୁ ମଧ୍ୟ ଆମ୍ଭକୁ ପବିତ୍ର କୋରାନର ଅଧ୍ୟୟନ କରିବା ଆବଶ୍ୟକ । ଆମକୁ ଅନ୍ୟମାନଙ୍କୁ ଉପଦେଶ ଦେବା ପୂର୍ବରୁ ପ୍ରଥମେ ନିଜର ନିରୀକ୍ଷଣ କରିବା ଆବଶ୍ୟକ କି ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରି ଆମେ ପବିତ୍ର କୋରାନକୁ ନିଜ ବାସ୍ତବିକ ଜୀବନରେ କିଭଳି ସ୍ଥାନ ଦେଇଛେ । ଏହା ବୟତର ମଧ୍ୟ ଏକ ଅଂଶ ଅଟେ ଏବଂ ଆମ୍ଭେ ସତ୍ୟନିଷ୍ଠ ଓ ନ୍ୟାୟବନ୍ତ ହେବାର କିଭଳି ସ୍ତର ହାସଲ କରିଛେ । ଲୋକମାନଙ୍କ କର୍ତବ୍ୟ ସମ୍ପାଦନ କରିବାର ଆମେ କିଭଳି ପ୍ରଚେଷ୍ଟା କରୁଅଛେ ।

ପ୍ରତ୍ୟେକ ବ୍ୟକ୍ତିର ନିଜ ମାମଲା ଅଲ୍ଲାଃଙ୍କ ସହ କରିବାର ସାମର୍ଥ୍ୟ ନଥାଏ, ଏଥିପାଇଁ ସେ ମାଧ୍ୟମର ଆବଶ୍ୟକତା ଲୋଡ଼ିଥାଏ ଏବଂ ତାହା ପବିତ୍ର କୋରାନ ଓ ହଜରତ ମହମ୍ମଦ ସ.ଆ ଅଟନ୍ତି ତେଣୁ ଯେ ଆପଣଙ୍କୁ ଅସ୍ୱୀକାର କରିବ ସେ କଦାପି କୃତକାର୍ଯ୍ୟ ହେବ ନାହିଁ । ମଣିଷ ତ ପ୍ରକୃତରେ ଏକ ଦାସ ଅଟେ ଏବଂ ମାଲିକ ଯାହା ଆଦେଶ ଦିଅନ୍ତି ତାହାକୁ ସ୍ୱୀକାର କରିବା ଦାସର କର୍ତବ୍ୟ । ଏହିପରି ଯଦି ତୁମେ ହଜରତ ମହମ୍ମଦ ସ.ଆଙ୍କ କୃପା ଲାଭ କରିବାକୁ ଇଚ୍ଛୁକ ତେବେ ଆବଶ୍ୟକ କି ତୁମେ ତାଙ୍କର ଦାସତ୍ୱ ସ୍ୱୀକାର କର । ପବିତ୍ର କୋରାନରେ ଅଲ୍ଲାଃ କୁହନ୍ତି **କୁଲ୍ ୟାଇବାଦି ୟଲ୍ ଲଜିନା ଅସ୍‌ରଫୁ ଆଲା ଅନ୍‌ଫୁସିହିମ୍** ଅର୍ଥାତ ତୁମେ କୁହ, ହେ ଆମ୍ଭର ଭକ୍ତମାନେ ! ଯେଉଁମାନେ ନିଜ ପ୍ରତି ଅତ୍ୟାଚାର କରିଛନ୍ତି । ଆପଣ କୁହନ୍ତି ଏଠାରେ ଭକ୍ତ ଦାସ ଅର୍ଥରେ ବ୍ୟବହାର ହୋଇଛି ନା କି ସୃଷ୍ଟି ଅର୍ଥରେ । ହଜରତ ମହମ୍ମଦ ସ.ଆଙ୍କ ଭକ୍ତହେବା ପାଇଁ ଆବଶ୍ୟକ କି ଆପଣଙ୍କ ପାଇଁ ଦରୁଦ ପାଠ କରିବା ସହିତ ଆପଣଙ୍କର କୌଣସି ଆଦେଶର ଅବମାନନା କରିବା ନାହିଁ ବରଂ ପ୍ରତ୍ୟେକ ଆଦେଶର ପାଳନ କରବା ।

ହଜରତ ମସିହ ମଉଦ ଆ.ସ କୁହନ୍ତି ଅଲ୍ଲାଃତାଲାଙ୍କୁ ପ୍ରସନ୍ନ କରିବାର ଏକ ମାତ୍ର ମାର୍ଗ ଏହି କି ଯେ, ହଜରତ ମହମ୍ମଦ ସ.ଆଙ୍କ ସଚ୍ଚୋଟ ଆଜ୍ଞାକାରୀ ହୋଇଯାଅ । ଦେଖାଯାଇଥାଏ ଯେ, ଲୋକମାନେ ବିଭିନ୍ନ ରୀତି ପରମ୍ପରାରେ ବାନ୍ଧିହୋଇ ରହିଥାନ୍ତି । କେହି ଜଣେ ମୃତ୍ୟୁ ବରଣ କଲେ କିସମ କିସମର ପରମ୍ପରା ପାଳନ କରାଯାଇଥାଏ । କିନ୍ତୁ ଆବଶ୍ୟକ କି ମୃତକ ପାଇଁ ଦୁଆ କର । ପ୍ରଥା ଓ ପରମ୍ପରା ପାଳନ କରି ଲୋକମାନେ କେବଳ ହଜରତ ମହମ୍ମଦ ସ.ଆଙ୍କ ବିରୋଧ କରିନଥାନ୍ତି ବରଂ ତାଙ୍କର ଅସମ୍ମାନ ମଧ୍ଯ କରିବସିଥାନ୍ତି । ଯେପରି ହଜରତ ମହମ୍ମଦ ସ.ଆଙ୍କୁ ସେମାନେ ଯଥେଷ୍ଟ ମଣୁନାହାନ୍ତି, ଯଦି ଯଥେଷ୍ଟ ମଣୁଥାନ୍ତେ ତେବେ ନିଜ ତରଫରୁ ଏପରି ପ୍ରଥା ପ୍ରଚଳନ କରିବା ଆରମ୍ଭ କରିନଥାନ୍ତେ ।

ଆଉ ଏକ ସ୍ଥାନରେ ହଜୁର ଆ.ସ କୁହନ୍ତି- ଯେଉଁ ବ୍ୟକ୍ତି କହିଥାଏ କି ହଜରତ ମହମ୍ମଦ ସ.ଆଙ୍କ ଅନୁସରଣ ବ୍ୟତୀତ ମଧ୍ଯ ମୁକ୍ତି ପ୍ରାପ୍ତ ହୋଇପାରେ ସେ ମିଥ୍ୟାବାଦୀ ଅଟେ । ଅଲ୍ଲାଃତାଲା ଆମ୍ଭକୁ ଯାହା ବୁଝାଇଛନ୍ତି ତାହା ଏହି ଉକ୍ତିର ସମ୍ପୂର୍ଣ୍ଣ ବିପରୀତ ଅଟେ । ଯେପରିକି ଅଲ୍ଲାଃ କହିଛନ୍ତି **କୁଲ୍ ୟାଇବାଦି ୟଲ୍ ଲଜିନା ଅସ୍‌ରଫୁ ଆଲା ଅନ୍‌ଫୁସିହିମ୍** ଅର୍ଥାତ ହେ ରସୁଲ୍ ତୁମେ ଏହି ଲୋକମାନଙ୍କୁ କହିଦିଅ କି ଯଦି ତୁମେ ଅଲ୍ଲାଃଙ୍କୁ ଭଲପାଅ ତେବେ ମୋର ଅନୁସରଣ କର ଏତତ୍ ଦ୍ୱାରା ତୁମେ ଅଲ୍ଲାଃଙ୍କ ପ୍ରିୟ ହୋଇଯିବ । ହଜରତ ମହମ୍ମଦ ସ.ଆଙ୍କ ଆନୁଗତ୍ୟ ସ୍ୱୀକାର ନକରି କୌଣସି ବ୍ୟକ୍ତି ମୁକ୍ତି ଲାଭ କରିପାରିବ ନାହିଁ । ମନେରଖ ଯେଉଁମାନେ ହଜରତ ମହମ୍ମଦ ସ.ଆଙ୍କର ଅନିଷ୍ଟ କାମନା କରିଥାନ୍ତି ତାଙ୍କର କଦାପି ମଙ୍ଗଳ ହୋଇନଥାଏ ।

ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ମସିହ ମଉଦ ଆ.ସ **କୁଲ୍ ଇନ୍‌କୁନ୍‌ତୁମ୍**ରୁ ହଜରତ ଇସାଙ୍କର ମୃତ୍ୟୁ ହେବା ଦର୍ଶାଇଛନ୍ତି । ଆରବମାନେ ବର୍ତମାନ ସୁଧା ହଜରତ ଇସାଙ୍କୁ ଜୀବିତ ମନେକରୁଛନ୍ତି ଏବଂ ଏଥିରେ ସେମାନେ ଅତ୍ୟନ୍ତ ଅଟଳ ବିଶ୍ୱାସୀ । ସେ ଯାହା ହେଉ ହଜୁର ଆ.ସ ଏହାର ଖଣ୍ଡନ କରି କୁହନ୍ତି- **କୁଲ୍‌ଇନ୍ କୁନ୍‌ତୁମ୍ ତୁହିବ୍ ବୁନଲ୍ଲାହା ଫତ୍ ତବିଉନି ୟୁହ୍‌ବିବ୍ କୁମୁଲ୍ଲାଃ** ଅର୍ଥାତ ତୁମ୍ଭେ କୁହ ! ଯଦି ତୁମେମାନେ ଅଲ୍ଲାଃଙ୍କୁ ପ୍ରେମ କରୁଥାଅ ତେବେ ଆମ୍ଭର ଅନୁସରଣ କର ତାହାହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ । ବର୍ତମାନ ପ୍ରେମ କରିବା ଆବଶ୍ୟକ କରୁଅଛି କି ପ୍ରେମିକର କାର୍ଯ୍ୟ ମୁତାବକ କାର୍ଯ୍ୟ କରିବା ଉଚିତ୍ । ଦେଖ ହଜୁର ସ.ଆଙ୍କ ଦେହାନ୍ତ ହେଲା ତାଙ୍କ ଅନ୍ତେ କିଏ ବା ଜୀବିତ ରହିବ କିମ୍ଵା (ସଦାସର୍ବଦା ପାଇଁ)ଜୀବିତ ରହିବାର କାମାନ କରିବ କିମ୍ଵା କଳନା କରିବ କି ଅନ୍ୟ କେହି (ସଦାସର୍ବଦା ପାଇଁ) ଜୀବିତ ରହୁ । ଆପଣ କୁହନ୍ତି ଭଲପାଇବା ଆବଶ୍ୟକ କରିଥାଏ କି ହଜୁର ସ.ଆଙ୍କ ଆନୁଗତ୍ୟରେ ଏଭଳି ହଜିଯିବ କି ନିଜ ସ୍ୱାର୍ଥକୁ ଜାବୁଡ଼ି ଧରି ଏହି ଚିନ୍ତାରେ ମଗ୍ନ ରହିବ କି ମୁଁ କାହା ସମ୍ପ୍ରଦାୟର । ଏଭଳି ପରିସ୍ଥିତିରେ ଯେ ହଜରତ ଇସା ଆ.ସଙ୍କୁ ଜୀବିତ ମନେକରୁଥିବ ସେ କିଭଳି ହଜରତ ମହମ୍ମଦ ସ.ଆଙ୍କୁ ପ୍ରେମ କରିବା ଓ ଆପଣଙ୍କ ଅନୁଗାମୀ ହେବାର ଘୋଷଣା କରିପାରେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ମୁଁ କେବଳ ଅଲ୍ଲାଃଙ୍କ କୃପାରୁ ନା କି ନିଜର କୌଣସି କୌଶଳରେ ଏହି ପୁରସ୍କାର ଅର୍ଜନ କରିଛି । ମୋ ପୂର୍ବରୁ ଯାହା କିଛି ନବୀ, ଅବତାର ଓ ଅଲ୍ଲାଃଙ୍କ ପ୍ରିୟଜନଙ୍କୁ ପ୍ରାପ୍ତ ହୋଇଥିଲା, ତାହା ପ୍ରାପ୍ତ କରିବା ମୋ ପକ୍ଷେ ସମ୍ଭବ ନଥିଲା ଯଦି ମୁଁ ନିଜ ସରଦାର୍, ବନ୍ଧୁ, ଅବତାରମାନଙ୍କ ଗୌରବ ତଥା ଖୈରୁଲ୍ ଓ୍ୱରା ହଜରତ ମହମ୍ମଦ ସ.ଆଙ୍କ ମାର୍ଗର ଅନୁସରଣ କରିନଥାନ୍ତି । ଅତଏବ ମୁଁ ଯାହା କିଛି ପ୍ରାପ୍ତ କରିଛି ହଜୁର ସ.ଆଙ୍କ ଅନୁଗାମୀ ହେବା ଯୋଗୁଁ ପ୍ରାପ୍ତ କରିଛି ଏବଂ ମୁଁ ନିଜ ସତ୍ୟ ଓ ପୂର୍ଣ୍ଣ ଜ୍ଞାନରୁ ଜାଣିପାରିଛି ଯେ, କୌଣସି ବ୍ୟକ୍ତି ହଜୁର ସ.ଆଙ୍କ ଆନୁଗତ୍ୟ ସ୍ୱୀକାର ନକରି ଅଲ୍ଲାଃଙ୍କ ନିକଟବର୍ତୀ ହୋଇପାରିବ ନାହିଁ ଏବଂ ନା **ମାରୁଫତେ କାମଲା** (ପୂର୍ଣ୍ଣ ଜ୍ଞାନ)ରୁ ଭାଗ ହାସଲ କରିପାରିବ ।

ହଜୁର ଅନଓ୍ୱର ଅ.ବ କହିଲେ- ସୁତରାଂ ଆପଣ ହଜୁର ସ.ଆଙ୍କର ଶ୍ରେଷ୍ଠ ପ୍ରେମି ଓ ପୂର୍ଣ୍ଣ ଅନୁଗାମୀ ଥିଲେ, ସେଥିପାଇଁ ତ ଅଲ୍ଲାଃ ଆପଣଙ୍କୁ ଭଲପାଇଲେ ଏବଂ ମସିହ ମଉଦ, ମେହଦି ମଉଦ ତଥା ତାବେ ନବୀ ହେବାର ସୌଭାଗ୍ୟ ପ୍ରଦାନ କଲେ ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃତାଲା ଆମ୍ଭକୁ ଆପଣଙ୍କୁ ସ୍ୱୀକାର କରିବାପରେ ଏହାର ସମ୍ମାନ ରକ୍ଷା କରିବା ଓ ହଜୁର ସ.ଆଙ୍କ ପୂର୍ଣ୍ଣ ଅନୁଗାମୀ ହେବାର ଶକ୍ତି ପ୍ରଦାନ କରନ୍ତୁ । ଆମ୍ଭ ସମସ୍ତଙ୍କୁ ନିଜ ନିଜ ଶକ୍ତି ଓ ସାମର୍ଥ୍ୟ ମୁତାବକ ହଜୁର ସ.ଆଙ୍କ ଉତମ ଚରିତ୍ରର ମୁତାବକ ଅମଳ କରିବାର ଶକ୍ତି ପ୍ରଦାନ କରନ୍ତୁ । ମୁସଲମାନମାନଙ୍କୁ ମଧ୍ଯ ହଜରତ ମହମ୍ମଦ ସ.ଆଙ୍କ ଏହି ଶ୍ରେଷ୍ଠ ପ୍ରେମିକୁ ଚିହ୍ନିବା ଓ ତାଙ୍କୁ ସ୍ୱୀକାର କରିବାର ଶକ୍ତି ପ୍ରଦାନ କରନ୍ତୁ ।

Khulasa Khutba Juma Huzoor Anwar a.b.a

20th October 2017